# Akashvani, Sambalpur

## SAMBALPURI NEWS BULLETIN

### 6 October 2024- 6.47- 6.52 am.

*****************************************************

ହୀରାକୁଦ୍ ସେଚାଂଚଲ-ନବୀକରଣ୍       ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ହୀରାକୁଦ୍ ସେଚାଂଚଲ୍‌ର ଭାଙ୍ଗିରୁଜି ଯାଇଥିବା ଭିନ୍ ଭିନ୍ ଜଳପଥ ଆର୍ କେନାଲ୍ ମାନ୍‌କର୍ ନବୀକରଣ୍ କର୍‌ବେ । ଇଥିର୍‌ଲାଗି ଗଲାକାଏଲ୍ ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ସଂକଳ୍ପ ପତ୍ର ବାହାରିଛେ । ହୀରାକୁଦ ଡେମ୍ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ୍ ଯୋଜ୍‌ନାଥି ସର୍‌କାର୍ ୪ ବଛ୍‌ରେ ୮ ଶହ ୫୫ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ୨୦୨୪-୨୫ ନୁ ୨୦୨୭-୨୮ ମସିହା ଭିତ୍‌ରେ ଇ ଟଙ୍କା ଖର୍ଚ୍ଚା ହେବା । ଗଲା ବିଧାନ୍‌ସଭା ଅଧିବେଶନ୍ ସମିଆଥି ରାଜ୍ୟ କେବିନେଟ୍‌ଥି ଇ ବାବଦ୍ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଥିଲା ।

କନିଷ୍ଠ ଶିକ୍ଷକ- ନିୟମିତ       ଆର୍‌ଏନ୍‌ୟୁ /ସମ୍ବଲପୁର

ଯେନ୍ କନିଷ୍ଠ ଶିକ୍ଷକ୍‌ମାନେ ଚାକିରୀ ସର୍ତାବଳୀ ଅନ୍‌ସାରେ ଲଗାତାର୍ ୬ ବରସ୍ କାମ୍ କରିଥିବେ ଆଉ ସର୍‌କାର୍ ସେମାନ୍‌କର୍ ଶିକ୍ଷାଦାନ୍‌ଥି ସନ୍ତୁଷ୍ଟ ଥିବେ ବେଲେ ସେମାନ୍‌କୁ ସ୍ଥାୟୀ କରାଯିବାର୍ ପ୍ରସ୍ତାବ୍‌କେ ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିଛନ । ଇଥି ୯ ହଜାର୍ ୨ ଶହ କନିଷ୍ଠ ଶିକ୍ଷକଙ୍କୁ ସ୍ଥାୟୀ କରାଯିବା । ଇ ଆଧାର୍‌ଥି ବିଦ୍ୟାଳୟ, ଗଣଶିକ୍ଷା ବିଭାଗ୍ ତର୍‌ଫୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ଆଉ ୧୪ ତାରିଖ୍ ଦିନ ବନ୍ଦ୍ ରହେବା । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଆର୍ ୧୪ ତାରିଖ୍ ଦିନ ଦୁର୍ଗାପୂଜା ଭସାଣି ଥିବାର୍‌ନୁ ଜନଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଆଲୁ ମିଶନ୍ କାର୍ଯ୍ୟକାଳ ବୃଦ୍ଧି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ଆଲୁ ମିଶନ୍‌ର କାର୍ଯ୍ୟକାଳକେ ଆଉ ୩ ବଛର୍ ବଢ଼େଇଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ସେ କହିଛନ୍ ଯେ, ରାଏଜେ ବାର୍‌ବାର୍ ଆଲୁ ସଂକଟ ଦେଖାଦେଉଥିବାର୍ ବେଲେ ଭବିଷ୍ୟତ୍‌ଥି ଇଟା ଯେନ୍ତା ଆଉ ନାଇଁ ହେବା, ସେଥିର୍‌ଲାଗି ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ ।

ଓସ୍‌ଡମା ନୂଆଁ ଡିଭିଜନ୍ ଖୁଲାଯିବା ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଲନା କର୍ତ୍ତୃପକ୍ଷ- ଓସ୍‌ଡମାର ୪ ଟା ନୂଆଁ ଡିଭିଜନ୍ ଖୁଲାଯିବା । ୪ ଟା ଡିଭିଜନ୍ ଭିତ୍‌ରେ ଜେନେରାଲ୍ ଡିଭିଜନ୍, କାର୍ଯ୍ୟଦକ୍ଷତା ବଢ଼ାବାର୍, ପ୍ରକଳ୍ପ ଆଉ ବୈଷୟିକ ଜ୍ଞାନ୍‌କୌଶଲ୍ ଆର୍ ଅର୍ଥ ଡିଭିଜନ୍ ରହେବା । ଫି' ଡିଭିଜନ୍‌ଥି ଝନେ ଲେଖା ନିର୍ବାହୀ ନିର୍ଦ୍ଦେଶକ ରହେବେ । ଇଥିର୍‌ଲାଗି ୩୭ ଟା ନୂଆଁ ପଦ୍‌ବୀ ସୃଷ୍ଟି କରାଯିବା । ଜଲ୍‌ବାୟୁ ପରିବର୍ତ୍ତନ୍ ଲାଗି ଅନେକ୍ ବିପଦ୍ ମାଡ଼ି ଆସୁଥିବାର୍‌ନୁ ଓସ୍‌ଡମା ପୁର୍‌ନା ଢାଂଚା ଛାଡ଼ିକରି ଏଛେନ୍ ନୂଆଁ ଢାଂଚା ଆନ୍‌ବା ।

ଜାତୀୟ ବିପର୍ଯ୍ୟୟ ମୁକାବିଲା ଢାଂଚାଥି ଜଲ୍‌ବାୟୁ ପରିବର୍ତନ୍ ମୁକାବିଲା ଲାଗି ନୂଆଁ ଜ୍ଞାନ୍‌କୌଶଲ୍ ବେଭାର୍ କରାଯିବା ।

ରାଜ୍ୟ ସଡ଼କ୍ ନୀତି          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ରାଜ୍ୟ ସଡ଼କ୍ ନୀତି- ୨୦୨୪ ଆନ୍‌ବେ । କେନ୍ ରାସ୍ତା କେତେ ଉସାର୍ ହେବା, କାଏଁ ବ୍ୟବସ୍ଥା ରହେବା ଆର୍ କେନ୍ ମାନଦଣ୍ଡ ପାଲନ୍ କରାଯିବା ସବୁ ଦିଗ୍‌କେ ନେଇକରି ଇ ସଡ଼କ୍ ନୀତି ପ୍ରସ୍ତୁତ୍ କରାଯାଉଛେ । ଇ ବାବ୍‌ଦେ ପୂର୍ତ ବିଭାଗ୍, ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆର୍ ଜାତୀୟ ରାଜ୍‌ପଥ୍ କର୍ତୃପକ୍ଷଙ୍କର୍ ସାଙ୍ଗେ ଆଲୋଚନା କରାଯାଉଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉନ୍ନୟନ୍ କମିଶନର୍‌ଙ୍କର୍ ଅଧ୍ୟକ୍ଷତାଥି ଇ ବାବ୍‌ଦେ ଗୁଟେ ବୈଠକ୍ ବସିଥିଲା ।

ଯୁକ୍ତ ଦୁଇ ପରୀକ୍ଷା ତାରିଖ୍          ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୪-୨୫ ଶିକ୍ଷାବଛର୍ ଲାଗି ଯୁକ୍ତ ଦୁଇ ପରୀକ୍ଷା ତାରିଖ୍ ଘୋଷ୍‌ନା କରାଯାଇଛେ । ଇ ପରୀକ୍ଷା ୩ ଟା ଖେପେ ହେବା ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ

କୁମାର୍ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ଡିସେମ୍ବର୍ ୨୬ ନୁ ୩୦ ତାରିଖ୍ ଭିତ୍ରେ ପହେଲା ଇଂଟର୍ନାଲ୍ ପରୀକ୍ଷା ହେବା । ଦୁଇ ନମ୍ବର୍ ଖେପେ ଜାନୁଆରୀ ୨ ନୁ ୧୨ ତାରିଖ୍ ଭିତ୍ରେ ସବୁ ପ୍ରାକ୍ଟିକାଲ୍ ପରୀକ୍ଷା ସର୍ବା । ଇଂଟର୍ନାଲ୍ ଆର୍ ପ୍ରାକ୍ଟିକାଲ୍ ପରୀକ୍ଷା ସର୍ବାର୍ ଉତ୍ରୁ ଫେବୃଆରୀ ୧୫ ତାରିଖ୍ନୁ ମାର୍ଚ୍ଚ ୨୦ ତାରିଖ୍ତକ୍ ମୁଖ୍ୟ ଲିଖିତ ପରୀକ୍ଷା ହେବା । ପରୀକ୍ଷା ସର୍ବାର୍ ୪୫ ଦିନ୍ ଭିତ୍ରେ ରିଜଲ୍ଟ ବାହାର୍ କର୍ବାର୍କେ ପରିଷଦ ଲକ୍ଷ୍ୟ ରଖିଛେ ।

ଏ.ଆଇ. -ଗ୍ରେନ୍ ଆନାଲାଇଜର୍ ଆର୍ଏନ୍ୟୁ / ସମ୍ବଲପୁର

ମଣ୍ଡିମାନ୍କେ କୃତ୍ରିମ ବୁଦ୍ଧିମତା- ଏ.ଆଇ. ଥିବା ଗ୍ରେନ୍ ଆନାଲାଇଜର୍ ଆଏବା ଖରିଫ୍ ଋତୁ ନ ଧାନର ଗୁଣବତା ମାନ ଯାଂଚ୍ କର୍ବା । ପହେଲା ଖେପେ ରାଏଜେ ୨ ଶହ ଏ.ଆଇ. ଯୁକ୍ତ ଗ୍ରେନ୍ ଆନାଲାଇଜର୍ ଲାଗ୍ବା । ଶହେ ୫୦ ଟା ଧାନ୍ ସଂଗ୍ରହ କେନ୍ଦ୍ର ଆଉ ୫୦ ଟା ସବ୍ଡିଭିଜନାଲ୍ ମୁଖ୍ୟ ନ ଇ ଗ୍ରେନ୍ ଆନାଲାଇଜର୍ ରହେବା ।

ପୁରୀ- ହବିଷ୍ୟାଲି ଆର୍ଏନ୍ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଇ ବଛର୍ ହବିଷ୍ୟାଲୀ ଯୋଜ୍ନାଥି ହବିଷ୍ୟାଲିମାନ୍କର୍ ରହେବାର୍ ଲାଗି ଆଏଜ୍ନୁ ଅନ୍ଲାଇନ୍ ଜରିଏ ପଞ୍ଜିକରଣ୍ ମୁଲ୍ ହେଉଛେ । ଇ ପଞ୍ଜିକରଣ୍ ଆଏବା ୧୧ ତାରିଖ୍ତକ୍ ଚାଲ୍ବା । ଇଥିର୍ଲାଗି ନାଁ ପଞ୍ଜିକରଣ୍ କର୍ବାର୍କେ ଥିବାର୍ ହବିଷ୍ୟାଲୀମାନେ ଇ-ଡିଷ୍ଟ୍ରିକ୍ଟ ଡଟ୍ ଓଡ଼ିଶା ଡଟ୍ ଗଭ୍ ଡଟ୍ ଇନ୍ ୱେବ୍ସାଇଟ୍ ଜରିଏ ପଞ୍ଜିକରଣ୍ କରିପାର୍ବେ ।

ରାଜ୍ୟ ସର୍କାର୍- ଇ-ଯାନ            ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ଗ୍ରୁପ୍-ଏ ଆର୍ ଗ୍ରୁପ୍ -ବି ବର୍ଗର୍ କର୍ମଚାରୀମାନେ ୫ ବଛର୍ ସ୍ଥାୟୀ ଚାକିରୀ କରୁଥିଲେ ୪ ଚକିଆ ଇ-ଯାନ ଲାଗି ଆଡ଼ଭାନ୍ସ ଟଙ୍କା ନେଇପାର୍ବେ । ଇ ବାବ୍ଦେ ଅର୍ଥ ବିଭାଗ୍ ତର୍ଫୁ ସ୍ୱଷ୍ଟିକରଣ୍ ଜାରି ହେଇଛେ । ୨ ଚକିଆ ଇ-ଯାନ ଲାଗି ଆଡ଼ଭାନ୍ସ ନେବାର୍କେ କେନ୍ସି ସର୍ତ ନାଇଁ ରଖାଯାଇ ।

ଅରୁଣ୍ ଷଡ଼ଙ୍ଗୀ- ଅବସର       ଆର୍ଏନ୍ୟୁ /ସମ୍ବଲପୁର

ବରିଷ୍ଠ ଆଇପିଏସ୍ ଅରୁଣ୍ ଷଡ଼ଙ୍ଗୀଙ୍କର୍ ସ୍ୱେଚ୍ଛାକୃତ ଅବସର- ଭିଆର୍‌ଏସ୍‌କେ ରାଜ୍ୟ ସର୍‌କାର୍ ଅନୁମତି ଦେଇଛନ୍ । ସେ ବହୁତ୍ ଜଲ୍‌ଦି ଓଡ଼ିଶା ଲୋକସେବା ଆୟୋଗ- ଓପିଏସ୍‌ସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବେ । ଶ୍ରୀ ଷଡ଼ଙ୍ଗୀ ଗଲା ୩୦ ତାରିଖ୍ ଦିନ ଭିଆର୍‌ଏସ୍ ଲାଗି ଆବେଦନ୍ କରିଥିଲେ ।

ପାର୍ବଣ ସମିଆଥି- ସ୍ୱତନ୍ତ୍ର ଟ୍ରେନ୍     ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ବତଟ ରେଲ୍‌ବାଇ ପାର୍ବଣ ସମିଆଥି ୨୭ ଜୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଲାବାର୍‌କେ ଯୋଜ୍‌ନା କରିଛେ । ଇତାର୍‌ଛଡ଼ା ଆହୁରି ୧୪ ଜୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ଭିଲ୍ ବ୍ୟବସ୍ଥା କରାଯାଇଛେ । ପୂଜା ଛୁଟିଥି ୫ ଲାଖ୍ ୩୨ ହଜାର୍‌ନୁ ଅଏତ୍‌କା ଯାତ୍ରୀ ପରିବହନ୍ ଲକ୍ଷ୍ୟ ନେଇକରି ରେଲ୍‌ବାଇ ତର୍‌ଫୁ ଇ ଯୋଜ୍‌ନା କରାଯାଇଛେ ଆଉ ଇ ଟ୍ରେନ୍ ନଭେମ୍ବର୍ ଶେଷ୍ ହପ୍ତାତକ୍ ଚାଲ୍‌ବା ।

ରେଡ଼କ୍ରସ୍ କାର୍ଯ୍ୟନିର୍ବାହୀ କମିଟି ବୈଠକ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଡ଼୍‌କ୍ରସ୍ କାର୍ଯ୍ୟନିର୍ବାହୀ କମିଟି ବୈଠକ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱରୀ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ରେଡ଼୍‌କ୍ରସ୍ ଶାଖା କାମ୍ - ୨୦୨୪-୨୫ ଆର୍ଥିକ୍ ବଛର୍ ଉପଲବ୍ଧି ଆର୍ ଖର୍ଚ୍ଚା ମହାପ୍ରୟାଣ ଗାଡ଼ି ପରିଚାଳନା ଆର୍ ରେଡ଼୍‌କ୍ରସ୍ ସଦସ୍ୟଙ୍କର୍ ସଦସ୍ୟତା ଅଭିଯାନ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।